# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09th December - 2024

### News Editor : *Itishree Singh Rathuar*

*************************************

## ମୁଖ୍ୟ ସମ୍ବାଦ

- ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ 'ବୀମା ସଖୀ' ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୨୬ତମ ଗଭର୍ଣ୍ଣର ଭାବେ ସଞ୍ଜୟ ମଲ୍‌ହୋତ୍ରା ନିଯୁକ୍ତ ।

- ରାଜ୍ୟରେ ଖୁବ୍ ଶୀଘ୍ର ୫ ହଜାର ଡାକ୍ତର ପଦବୀ ପୂରଣ କରାଯିବ; ବିଧାନସଭାରେ ସୂଚନା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଏବଂ

- ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୮ଟି ସହରର ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକରେ ସୁଲଭ ଦରରେ ମିଳିବ ଆଳୁ ।

*Desk*

# ପି.ଏମ୍. - ବୀମା ସଖୀ ଯୋଜନା

କେନ୍ଦ୍ର ସରକାର ଗତ ୧୦ ବର୍ଷ ମଧ୍ୟରେ ମହିଳାଙ୍କ ସଶକ୍ତୀକରଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ହରିୟାଣାର ପାନିପଥଠାରେ 'ବୀମାସଖୀ' ଯୋଜନାର ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଜୀବନବୀମା ନିଗମର ଏହି ଯୋଜନାରେ ଦଶମ ଶ୍ରେଣୀ ପାସ୍ କରିଥିବା ୧୮ରୁ ୭୦ ବର୍ଷ ବୟସ୍କ ମହିଳାମାନେ ବୀମା ସଖୀ ଯୋଜନାର ଲାଭ ଉଠାଇପାରିବେ । ଏହି ଯୋଜନା ଅଧୀନରେ ପ୍ରଥମ ତିନି ବର୍ଷ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ସହ ଷ୍ଟାଇପେଣ୍ଡର ବ୍ୟବସ୍ଥା କରାଯାଇଛି। ପ୍ରଶିକ୍ଷଣ ପରେ ଅଣସ୍ନାତକ ମହିଳା ଜୀବନବୀମା ନିଗମର ପ୍ରତିନିଧି ଭାବେ ଏବଂ ସ୍ନାତକ ପାସ୍ କରିଥିବା ମହିଳା ନିଗମର ଉନ୍ନୟନ ଅଧିକାରୀଭାବେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ଏହି ଯୋଜନା ପାଇଁ ମନୋନୀତ ହୋଇଥିବା କେତେକ ବୀମା ସଖୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

*Desk*

## ଆର୍.ବି.ଆଇ. ଗଭର୍ଣ୍ଣର୍

ନିଯୁକ୍ତି ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ଆଜି ୧୯୯୦ ବ୍ୟାଚ୍ ରାଜସ୍ଥାନ କ୍ୟାଡର୍‌ର ଆଇ.ଏ.ଏସ୍. ଅଧିକାରୀ ସଞ୍ଜୀୟ ମଲ୍‌ହୋତ୍ରାଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ - ଆର୍.ବି.ଆଇ.ର ଗଭର୍ଣ୍ଣର ଭାବେ ନିଯୁକ୍ତି ଦେଇଛନ୍ତି । ଶ୍ରୀ ମଲ୍‌ହୋତ୍ରା ଏହି ପଦବୀରେ ଆସନ୍ତା ୩ ବର୍ଷପାଇଁ କାର୍ଯ୍ୟ କରିବେ । ସେ ବର୍ତ୍ତମାନ କେନ୍ଦ୍ରୀୟ ରାଜସ୍ୱ ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି । ଶ୍ରୀ ମଲ୍‌ହୋତ୍ରା ଆସନ୍ତା ୧୧ ତାରିଖ ବୁଧବାର ଦିନ ୨୬ତମ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବେ । ବର୍ତ୍ତମାନ ଆର୍.ବି.ଆଇ.ର ଗଭର୍ଣ୍ଣର ଥିବା ଶକ୍ତିକାନ୍ତ ଦାସ ଆସନ୍ତାକାଲି ଅବସର ଗ୍ରହଣ କରିବେ ।

*BBSR/R*

## ବିଧାନସଭା

ବିଧାନସଭାରେ ଆଜି ଧାନକିଣା ସମ୍ବନ୍ଧୀୟ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଉତ୍ତର ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ ଧାନକ୍ରୟ ବିକ୍ରୟ ପ୍ରକ୍ରିୟାକୁ

ବ୍ୟବସ୍ଥିତ କରିବାପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଧାନ ସଂଗ୍ରହ ପ୍ରକ୍ରିୟାକୁ ତଦାରଖ, ସମୀକ୍ଷା ଓ ସମନ୍ୱୟ ରକ୍ଷା କରିବା ତଥା ସମସ୍ୟାର ସମାଧାନପାଇଁ ମନ୍ତ୍ରୀମାନଙ୍କୁ ଜିଲ୍ଲାୱାରୀ ଦାୟିତ୍ୱ ପ୍ରଦାନ କରାଯାଇଛି । ଚାଷୀମାନଙ୍କଠାରୁ ଘୋଷିତ ଦରରେ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏବଂ ନିର୍ଦ୍ଧାରିତ ଅମଳ ହାରରେ ଧାନ କ୍ରୟ, ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି । ମନ୍ତ୍ରୀ କହିଛନ୍ତି, ଆଜିସୁଦ୍ଧା ବରଗଡ଼, ବଲାଙ୍ଗିର, ସମ୍ବଲପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ୧୮ ହଜାର ୯୪୦ ଜଣ ଚାଷୀଙ୍କଠାରୁ ମୋଟ୍ ୯୬ ହଜାର ୬୪୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ଚାଷୀମାନଙ୍କୁ ୨୧୯ କୋଟି ୯୮ ଲକ୍ଷ ଟଙ୍କାର ସର୍ବନିମ୍ନ ସହାୟତା ରାଶି ପ୍ରଦାନ କରାଯାଇଛି । ଧାନ ସଂଗ୍ରହର ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟକୁ ସମୀକ୍ଷା ଓ ସଂଶୋଧନ କରିବା ନିମନ୍ତେ ଏକ ମନ୍ତ୍ରୀସ୍ତରୀୟ ଉପକମିଟି ଗଠିତ ହୋଇଛି । ଶ୍ରୀ ପାତ୍ର କହିଛନ୍ତି, ଧାନ ସଂଗ୍ରହ ପ୍ରକ୍ରିୟାରେ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ସହ ଧାନ ମାନ ନିରୂପଣପାଇଁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଶସ୍ୟ ବିଶ୍ଳେଷଣକାରୀ ଯନ୍ତ୍ର ଉପଲବ୍ଧ କରାଯାଇଛି । ସେହିଭଳି କ୍ଷୁଦ୍ର ଓ ଭାଗଚାଷୀମାନଙ୍କର ଧାନକୁ ଅଗ୍ରାଧିକାର ଭିତ୍ତିରେ କ୍ରୟପାଇଁ ନିଷ୍ପତ୍ତି ହୋଇଛି । ଚଳିତ ବର୍ଷ ଧାନବିକ୍ରୟ ପାଇଁ ୧୭ ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

*Desk*

## ଡାକ୍ତର ପଦବୀ

ରାଜ୍ୟରେ ଖୁବ୍‌ଶୀଘ୍ର ୫ ହଜାର ଡାକ୍ତର ପଦବୀ ପୂରଣ କରାଯିବ ବୋଲି ବିଧାନସଭାରେ ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଡାକ୍ତରୀ ନିଯୁକ୍ତି ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଦୁଇଟି ସଂଶୋଧନ କରାଯାଇଛି। ଡାକ୍ତରୀ ପଦବୀ ପୂରଣ ସହ ୩ ହଜାର ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ମଧ୍ୟ ବିଜ୍ଞାପନ ପ୍ରକାଶ ପାଇବ। ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଗୃହକୁ ସୂଚନା ଦେଇଛନ୍ତି। ଭଦ୍ରକ ଜିଲ୍ଲାରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ଖୋଲିବ ବୋଲି ମନ୍ତ୍ରୀ କହିଛନ୍ତି।

*Assembly Review*

## ଜେଲ୍ ମାନୁଆଲ୍

ରାଜ୍ୟରେ ଥିବା କାରାଗାରଗୁଡ଼ିକର ସୁପରିଚାଳନା ନିମନ୍ତେ ୨୦୨୦ ମସିହାଠାରୁ ନୂଆ ସଂଶୋଧିତ ଆଦର୍ଶ ଜେଲ୍ ମାନୁଆଲ୍ କାର୍ଯ୍ୟକାରୀ ହେଉଛି । ବିଧାନସଭାରେ ଆଜି ବିଧାୟକ ଭାସ୍କର ମଢ଼େଇଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗତ ୩ ବର୍ଷରେ ରାଜ୍ୟର

କାରାଗାରଗୁଡ଼ିକରେ ୧୭୮ ଜଣ ବନ୍ଦୀଙ୍କ ମୃତ୍ୟୁ ଘଟିଛି ଓ ପ୍ରତ୍ୟେକ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ତଦନ୍ତ କରାଯାଉଛି । ସେ କହିଛନ୍ତି, ଅର୍ଥାଭାବରୁ ମକଦ୍ଦମା ଲଢ଼ିପାରୁ ନ ଥିବା କଏଦୀମାନଙ୍କୁ ବିନା ମୂଲ୍ୟରେ ଜିଲ୍ଲା ଆଇନସେବା ପ୍ରାଧିକରଣଦ୍ୱାରା ଆଇନଗତ ସହାୟତା ଯୋଗାଇ ଦିଆଯାଉଛି । ୮୫ଟି କାରାଗାର ମଧ୍ୟରୁ ବିଜୁପଟ୍ଟନାୟକ ମୁକ୍ତାକାଶ ଆଶ୍ରମ, ସମ୍ବଲପୁର ଜାମୁଝରି ଏବଂ ନାରୀ ବନ୍ଦୀ ନିକେତନ ବ୍ୟତୀତ ଅନ୍ୟ କାରାଗାରଗୁଡ଼ିକରେ ବନ୍ଦୀମାନଙ୍କ ଶୟନ କକ୍ଷରେ ୨୦୦୮ ମସିହାଠାରୁ ସି.ସି. କ୍ୟାମେରା ସ୍ଥାପନ କରାଯାଇଛି ।

***Desk***

# ବିଧାନସଭା ମୁଲତବୀ

ବିଧାନସଭା ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଟି ରିପୋର୍ଟ ଉପସ୍ଥାପନ କରିଛନ୍ତି । ଏଥିମଧ୍ୟରେ ଲୋକାଲ୍ ଫଣ୍ଡ୍ ଅଡିଟ୍ ରିପୋର୍ଟ ଏବଂ ସେବାକର ନେଟ୍‌ୱାର୍କ ବାର୍ଷିକ ରିପୋର୍ଟ ରହିଛି । ଏହି ରିପୋର୍ଟ ଉପସ୍ଥାପନ ହେବା ପରେ ବାଚସ୍ପତି ଗୃହକୁ ଆଜିପାଇଁ ମୁଲତବୀ ଘୋଷଣା କରିଛନ୍ତି ।

*Desk*

# ରାଜ୍ୟସଭା ଉପନିର୍ବାଚନ

ରାଜ୍ୟସଭା ଉପନିର୍ବାଚନ ପାଇଁ ଓଡ଼ିଶାରୁ ବିଜେପି ପକ୍ଷରୁ ସୁଜିତ କୁମାର ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ ଦଳୀୟ ପ୍ରାର୍ଥୀଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ଶ୍ରୀ କୁମାର ଗତ ସେପ୍ଟେମ୍ବର ୬ ତାରିଖରେ ରାଜ୍ୟସଭା ପଦ ଏବଂ ବିଜେଡି ଦଳରୁ ଇସ୍ତଫା ପ୍ରଦାନ କରିଥିଲେ। ପରେ ସେ ବିଜେପିରେ ଯୋଗଦାନ କରିଥିଲେ। ତାଙ୍କର କାର୍ଯ୍ୟକାଳ ଆସନ୍ତା ୨୦୨୬ ଏପ୍ରିଲ ଯାଏଁ ରହିଥିଲା। ରାଜ୍ୟସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଥିବାବେଳେ ୧୧ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୧୩ ତାରିଖକୁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ ଧାର୍ଯ୍ୟ କରାଯାଇଛି। ୨୦ ତାରିଖରେ ଉପନିର୍ବାଚନ ପାଇଁ ମତ ନିଆଯିବ।

***BBSR/R***

# ଆଳୁ ଯୋଗାଣ

ପ୍ରଥମ ପର୍ଯ୍ୟାୟରେ ୬୦ ଟନ୍ ଆଳୁ ଉତ୍ତର ପ୍ରଦେଶରୁ ଆସି ଆଜି ଭୁବନେଶ୍ୱରରେ ପହଞ୍ଚିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ

ଆଳୁ ଯୋଗାଇଦେବାପାଇଁ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସମେତ ସହରର ବିଭିନ୍ନ ସ୍ଥାନରେ କିଲୋଗ୍ରାମ୍ ପିଛା ୩୦ଟଙ୍କାରେ ଆଳୁ ବିକ୍ରୟ କରାଯାଉଛି । ଏହି ଆଳୁ ସମସ୍ତ ସରକାରୀ ସୁଲଭ ଖୁଚୁରା କେନ୍ଦ୍ରରେ ଲୋକଙ୍କୁ ବିକ୍ରୟ କରାଯିବା ନେଇ ନିଷ୍ପତ୍ତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ରାଉରକେଲା, ଜୟପୁର, ବାଲେଶ୍ୱର, ବଲାଙ୍ଗିର, ସମ୍ବଲପୁର ଓ ବ୍ରହ୍ମପୁରର ବିଭିନ୍ନ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ମାଧ୍ୟମରେ କିଲୋଗ୍ରାମ୍ ପିଛା ୩୦ ଟଙ୍କା ଦରରେ ଆଳୁ ଉପଲବ୍ଧ ହେବ ବୋଲି ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***IPR***

# ହକି ଚାମ୍ପିୟନସିପ୍-୨୦୨୫

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତା ମାର୍ଚ୍ଚ ମାସରେ ୭୩ତମ ସର୍ବଭାରତୀୟ ହକି ଚାମ୍ପିୟନସିପ୍-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି । ଏନେଇ ପୁଲିସ ମହାନିର୍ଦ୍ଦେଶକ କ୍ୟାମ୍ପ୍ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ଚାମ୍ପିୟନସିପ୍‌କୁ ଶୃଙ୍ଖଳିତ, ସୁପରିଚାଳନା, ବ୍ୟାପକ ବନ୍ଦୋବସ୍ତର ଆୟୋଜନ ଉପରେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ ଡି.ଜି.ପି. ୱାଇ.ବି. ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ଏହି ଚାମ୍ପିୟନସିପ୍‌ରେ ଦେଶର ୨୭ଟି ପୁରୁଷ ଏବଂ ୧୦ଟି ମହିଳା ଦଳ ଅଂଶଗ୍ରହଣ କରିବେ । ଖେଳାଳିଙ୍କ ରହିବା ସ୍ଥାନ, ନିୟମିତ ଅଭ୍ୟାସ,

ଉଦ୍‌ଘାଟନ ଓ ଉଦ୍‌ଯାପନୀ ସମାରୋହକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଡି.ଜି.ପି. ବୈଠକରେ ଆଲୋଚନା କରିଛନ୍ତି । ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ସହ ଅନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ ।

*Ganjam/R*

## ରାସନ କାର୍ଡ଼ ବଣ୍ଟନ

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍‌ର ୧ ହଜାର ୭ ଶହ ଅଣାନବେ ଜଣ ପ୍ରବାସୀ ଓଡ଼ିଆଙ୍କୁ ନୂତନ ରାସନ କାର୍ଡ଼ ପ୍ରଦାନ କରାଯାଇଛି । ଆଜି ବୁଗୁଡ଼ା ତହସିଲ୍‌ଦାରଙ୍କ ତତ୍ତ୍ୱାବଧାନରେ ପିପୁଲ୍‌ସ ହାଇସ୍କୁଲ୍ ପଡ଼ିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ହିତାଧିକାରୀମାନଙ୍କୁ ରାସନ କାର୍ଡ଼ ବଣ୍ଟନ କରିଛନ୍ତି ।

*Rayagada, Nayagarh, Bhadrak, Sambalpur, Kendrapara/R*

## ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲ୍ଲା ଗୁଣୁପୁରଠାରେ ଉପଜିଲ୍ଲାପାଳଙ୍କ ସଦ୍‌ଭାବନା

ସଭାଗୃହରେ ଅନୁଷ୍ଠିତ ଶିବିରରେ  ମୋଟ୍ ୬୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଜିଲ୍ଲାପାଳ ୨ ଜଣଙ୍କ ଚିକିତ୍ସାପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିରରେ ୧୦୭ଟି ଅଭିଯୋଗ ମଧ୍ୟରୁ ୨୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ସଭାଗୃହରେ ୧୮୨ଟି ଅଭିଯୋଗର ଶୁଣାଣି କରାଯାଇ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ସ୍ଥିତ ରାଜୀବ ଗାନ୍ଧି ଭବନଠାରେ ଅନୁଷ୍ଠିତ ଶିବିରରେ ଅଣଚାଶଟି ଅଭିଯୋଗର ଶୁଣାଣି କରାଯାଇଛି । ଶୁଣାଣି ପୂର୍ବରୁ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ ହିତାଧିକାରୀଙ୍କୁ ଟ୍ରାଇସାଇକେଲ୍, ଭତ୍ତା ଏବଂ ଆଶାବାଡ଼ି ବଣ୍ଟନ କରିଥିଲେ ।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଳାଇଲୋ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୮୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଏଥିସହ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି ।

*****